# NATIONAL NEWS BULLETIN (ODIA)

**8 April - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ରାଜନୈତିକ ଦଳଗୁଡ଼ିକର ତୁଙ୍ଗ ନେତାମାନେ ଲୋକସଭା ନିର୍ବାଚନ ପାଇଁ ପାର୍ଟି ପ୍ରାର୍ଥୀମାନଙ୍କ ସମର୍ଥନରେ ଦେଶର ବିଭିନ୍ନ ଭାଗରେ ର୍‍ୟାଲିମାନ କରୁଛନ୍ତି ।

- ଆସାମରେ ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରଚାର ସରଗରମ ହୋଇଛି ।

- ଦିଲ୍ଲୀର ଏକ ଅଦାଲତ BRS ନେତା କେ.କବିତାଙ୍କୁ ମଧ୍ୟବର୍ତ୍ତୀକାଳୀନ ଜାମିନ ନାମଞ୍ଜୁର କରିଛନ୍ତି ।

- ଉତ୍ତର ଆମେରିକାରେ ଆଜି ସଂପୂର୍ଣ୍ଣ ସୂର୍ଯ୍ୟପରାଗ ଦୃଶ୍ୟମାନ ହେବ ।

ଏବଂ

- IPL କ୍ରିକେଟ୍‌ରେ ଆଜି ଚେନ୍ନାଇ ସୁପର୍ କିଙ୍ଗ୍‌ସ’ କୋଲକାତା ନାଇଟ ରାଇଡର୍ସଙ୍କୁ ଭେଟିବ ।

## ଜେକେ କ୍ୟାମ୍ପେନିଂ

ରାଜନୈତିକ ଦଳଗୁଡ଼ିକର ତୁଙ୍ଗ ନେତାମାନେ ଲୋକସଭା ନିର୍ବାଚନ ପାଇଁ ପାର୍ଟି ପ୍ରାର୍ଥୀମାନଙ୍କ ସମର୍ଥନରେ ଦେଶର ବିଭିନ୍ନ ଭାଗରେ

ର୍ୟାଲିମାନ କରୁଛନ୍ତି । ଜାମ୍ମୁ କାଶ୍ମୀରରେ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୨ ତାରିଖ ଦିନ ଉଧମପୁର ଠାରେ ଏକ ର୍ୟାଲିରେ ଉଦ୍‌ବୋଧନ ଦେବେ । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ୧୦ ତାରିଖ ଦିନ କାଠୁଆ ଠାରେ ପାର୍ଟି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ।

ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ବାଡ୍ରା ଜାମ୍ମୁ ଡିଭିଜନରେ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ର୍ୟାଲି ଗୁଡ଼ିକରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଆସନ୍ତା ସପ୍ତାହରେ କଂଗ୍ରେସର ଶୀର୍ଷ ନେତା ସେଠାକୁ ଗସ୍ତ କରିବାର ଆଶା କରାଯାଉଛି । ଜାମ୍ମୁକାଶ୍ମୀରର ଉଧମପୁର ଓ ଜାମ୍ମୁ ଲୋକସଭା ଆସନ ପାଇଁ ଆସନ୍ତା ୧୯ ଓ ୨୬ ତାରିଖରେ ପ୍ରଥମ ଦୁଇ ପର୍ଯ୍ୟାୟରେ ମତଦାନ ହେବ । ବିଜେପି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କୁ ଉଧମପୁରରେ ପ୍ରାର୍ଥୀ କରାଇଛି । ଜାମ୍ମୁରେ ବିଜେପି ଯୁଗଳ କିଶୋର ଶର୍ମାଙ୍କୁ ପ୍ରାର୍ଥୀ କରାଇଥିବା ବେଳେ କଂଗ୍ରେସ ରମଣ ଭାଲା ଙ୍କୁ ପ୍ରାର୍ଥୀ କରିଛି ।

## ଆସାମ କ୍ୟାମ୍ପେନ୍

ଆସାମରେ ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରଚାର ସରଗରମ ହୋଇଛି । ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଦିବ୍ରୁଗଡ଼, ଲକ୍ଷ୍ମୀପୁର ଓ ସୁନୀତିପୁରଠାରେ ର୍ୟାଲିଗୁଡ଼ିକରେ ଉଦ୍‌ବୋଧନ

ଦେବେ । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ବିଭିନ୍ନ ସଭାରେ ଉଦ୍‌ବୋଧନ ଦେଉଛନ୍ତି । କଂଗ୍ରେସ ରାଜ୍ୟଶାଖା ସଭାପତି ଭୂପେନ ବୋରା, ଜାତୀୟ ସାଧାରଣ ସମ୍ପାଦକ ଜିତେନ୍ଦ୍ର ସିଂ ଓ ସାଂସଦ ଗୌରବ ଗୋଗୋଇ ମଧ୍ୟ ପ୍ରଚାର କରୁଛନ୍ତି । ଆମ୍ ଆଦମୀ ପାର୍ଟି ନେତା ଆତିଶୀ ଆଜି ଦିବ୍ରୁଗଡ଼ଠାରେ ବିଭିନ୍ନ ର୍‍ୟାଲିରେ ଉଦ୍‌ବୋଧନ ଦେବେ ।

ଇତିମଧ୍ୟରେ ଦ୍ୱିତୀୟ ପର୍ଯ୍ୟା ନିର୍ବାଚନ ପାଇଁ ଆଜି ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ । ଏହି ପର୍ଯ୍ୟାୟ ପାଇଁ ୬୫ ଜଣ ପ୍ରାର୍ଥୀଙ୍କର ମନୋନୟନ ପତ୍ର ବୈଧ ଥିବାର ଜଣାପଡ଼ିଛି ।

## ଦିଲ୍ଲୀ-ଆସେମ୍ବ୍ଲି ଅପୋଜିସନ୍

ଦିଲ୍ଲୀ ବିଧାନସଭାରେ ଅଶାଳୀନ ବ୍ୟବହାର ପ୍ରଦର୍ଶନ ପାଇଁ ୬ ଜଣ ବିଜେପି ବିଧାୟକଙ୍କୁ ମାର୍ଶାଲ୍ ମାନେ ସଭାକକ୍ଷରୁ ବାହାର କରିଦେଇଛନ୍ତି । ପୂର୍ବରୁ ଆଜି ସକାଳେ ସଭାକାର୍ଯ୍ୟ ଆରମ୍ଭ ହେବା ସମୟରେ ଦିଲ୍ଲୀ ଜଳ ବୋର୍ଡ ବିଷୟ ପ୍ରସଙ୍ଗରେ ଆଲୋଚନା ଚାଲିଥିଲା । ବିରୋଧୀଦଳ ନେତା ରାମବୀର ସିଂ ବିଧୁରୀ ଦିଲ୍ଲୀ ଜଳବୋର୍ଡରେ ଦୁର୍ନୀତି ବିଷୟ ଉତ୍ଥାପନ କରିବାକୁ ଚାହିଁଥିଲେ । ବାଚସ୍ପତି ରାମନିବାସ ଗୋଏଲ୍ ଏଥିପାଇଁ ଅନୁମତି ଦେଇନଥିଲେ । ଏହାପରେ ବିଜେପି ବିଧାୟକମାନେ

ବାଚସ୍ପତିଙ୍କ ଆସନ ନିକଟକୁ ଚାଲିଯାଇ ଆମ୍ ଆଦ୍‌ମୀ ପାର୍ଟି ସରକାରଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ । ସଭାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ବାଚସ୍ପତି ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ଏହାର କୌଣସି ଫଳ ମିଳିନଥିଲା । ବିଶୃଙ୍ଖଳା ସୃଷ୍ଟି କରୁଥିବା ବିଧାୟକମାନଙ୍କୁ ସଭାଗୃହ ମଧ୍ୟରୁ ବାହାରକୁ ନେଇଯିବାକୁ ବାଚସ୍ପତି' ମାର୍ଶାଲ୍ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଜେପି ବିଧାୟକମାନେ ବିଧାନସଭା ବାହାରେ ପ୍ରତିବାଦ କରିଥିଲେ ।

## ଚେନ୍ନାଇ-ଠାକୁର

କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ବିଗତ ୧୦ବର୍ଷ ମଧ୍ୟରେ ଦେଶରେ ସର୍ବାଧିକ ପରିମାଣର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ହୋଇଥିବାରୁ NDA ସରକାରଙ୍କ ଶାସନ ଉଲ୍ଲେଖନୀୟ ରହିଛି । ଚେନ୍ନାଇରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ସେ କହିଛନ୍ତି NDA ଶାସନ କାଳରେ ଲାଗୁ ହୋଇଥିବା ଯୋଜନା ଗୁଡ଼ିକରୁ ଲୋକମାନେ ସର୍ବାଧିକ ଉପକୃତ ହୋଇଛନ୍ତି । ଏହି ସମୟରେ ଅର୍ଥନୈତିକ ଅଭିବୃଦ୍ଧି ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ମନ୍ତ୍ରୀ କହିଛନ୍ତି ମତ୍ସ୍ୟଜୀବୀମାନଙ୍କ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ଅନେକ ଯୋଜନା ପ୍ରଣୟନ କରିଛନ୍ତି ।

## କଂଗ୍ରେସ-ବିଜେପି

କଂଗ୍ରେସ ଆଜି ବିଜେପିର ସମାଲୋଚନା କରି ଶାସକ ଦଳ ଦେଶକୁ ଧର୍ମ ଭିତ୍ତିରେ ବିଭାଜିତ କରିବାକୁ ପ୍ରଚେଷ୍ଟା ଚଳାଇଥିବାର ଦୋଷାରୋପ କରିଛି । ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନେତ୍ କହିଛନ୍ତି ବିଜେପି ବିଗତ ୧୦ବର୍ଷର କାର୍ଯ୍ୟ ବିଷୟରେ କିଛି ନ କହି ବିଭିନ୍ନ ସଂପ୍ରଦାୟ ମଧ୍ୟରେ ତିକ୍ତତା ବୃଦ୍ଧି କରୁଛି। କଂଗ୍ରେସ ଇସ୍ତାହାର ମୁସଲିମ୍ ଲିଗ୍ ର ଏକ ନକଲ ବୋଲି ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟର ସେ ସମାଲୋଚନା କରିଛନ୍ତି ।

ଇତିମଧ୍ୟରେ ବିଜେପି ସଭାପତି ଜେ.ପି. ନଡ୍ଡା’ କଂଗ୍ରେସ ନିର୍ବାଚନ ଇସ୍ତାହାରର ସମାଲୋଚନା କରି ଏହା କଂଗ୍ରେସର ଇସ୍ତାହାର ନା’ ମୁସଲିମ୍ ଲିଗ୍ର ଇସ୍ତାହାର ବୋଲି ପ୍ରଶ୍ନ କରିଛନ୍ତି ।

## ଦିଲ୍ଲୀ କୋର୍ଟ-କବିତା

ଦିଲ୍ଲୀର ଏକ ଅଦାଲତ BRS ନେତା କେ.କବିତାଙ୍କୁ ମଧ୍ୟବର୍ତ୍ତୀକାଳୀନ ଜାମିନ ନାମଞ୍ଜୁର କରିଛନ୍ତି । ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ କେ.କବିତାଙ୍କୁ ଗିରଫ କରିଥିଲା । ସ୍ୱତନ୍ତ୍ର CBI ଜଜ୍ କାବେରୀ ବାବେଜା’ କେ. କବିତାଙ୍କ ମଧ୍ୟବର୍ତ୍ତୀକାଳୀନ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି । ତାଙ୍କର ପୁଅର ପରୀକ୍ଷା ପାଇଁ ତାଙ୍କୁ ମଧ୍ୟବର୍ତ୍ତୀକାଳୀନ ଜାମିନ ପ୍ରଦାନ କରିବା ବିଷୟ ଲୋଡ଼ି ଗୁରୁବାର ଦିନ ସେ ଅଦାଲତଙ୍କ

ଦ୍ୱାରସ୍ଥ ହୋଇଥିଲେ । ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ତାଙ୍କର ଆବେଦନକୁ ବିରୋଧ କରିଥିଲା । ଇ.ଡି. କହିଥିଲା କବିତା ପ୍ରମାଣ ନଷ୍ଟ କରିଛନ୍ତି ଓ ସାକ୍ଷୀମାନଙ୍କୁ ପ୍ରଭାବିତ କରିଛନ୍ତି ।

କବିତାଙ୍କୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ନ୍ୟାୟିକ ହାଜତକୁ ପଠାଯାଇଥିଲା । ଇ.ଡି. ମାର୍ଚ୍ଚ ୧୫ ତାରିଖରେ ତାଙ୍କୁ ହାଇଦ୍ରାବାଦରୁ ଗିରଫ କରିଥିଲା । ବର୍ତ୍ତମାନ ସେ ତିହାଡ଼ ଜେଲ୍‌ରେ ନ୍ୟାୟିକ ହାଜତରେ ଅଛନ୍ତି । ଦିଲ୍ଲୀ ଅବକାରୀ ନୀତି ମାମଲାରେ ଇ.ଡି. ଦ୍ୱାରା ଗିରଫ ହୋଇଥିବା ରାଜନୈତିକ ନେତାମାନଙ୍କ ମଧ୍ୟରେ କବିତା ହେଉଛନ୍ତି ଜଣେ ଉଚ୍ଚବର୍ଗର ନେତା । ଗିରଫ ହୋଇଥିବା ଅନ୍ୟ ନେତାମାନଙ୍କ ମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଓ ଉପମୁଖ୍ୟମନ୍ତ୍ରୀ ମନୀଷ ଶିଷୋଦିଆ ଅଛନ୍ତି ।

## ଇଣ୍ଡିଆ-ପେରୁ ଟ୍ରେଡ୍ ମିଟ୍

ସପ୍ତମ ପର୍ଯ୍ୟାୟ ଭାରତ-ପେରୁ ବାଣିଜ୍ୟ ରାଜିନାମା କଥାବାର୍ତ୍ତା ନୂଆଦିଲ୍ଲୀରେ ଆରମ୍ଭ ହୋଇଛି । ଦୁଇଦେଶ ମଧ୍ୟରେ ବାଣିଜ୍ୟ ଓ ପୁଞ୍ଜି ନିବେଶ ବୃଦ୍ଧି ହେଉଛି ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ । ବାଣିଜ୍ୟ ଓ ଶିଳ୍ପ ବିଭାଗ କହିଛି, ଭାରତ ଓ ପେରୁ ମଧ୍ୟରେ ଅର୍ଥନୈତିକ ସଂପର୍କ ବୃଦ୍ଧି ପାଇଁ ଏହା ଭାରତର ପ୍ରତିଶ୍ରୁତିବଦ୍ଧତାର ଜ୍ୱଳନ୍ତ ଉଦାହରଣ ।

# ଜେକେ ଲ୍ୟାଣ୍ଡସ୍ଲାଇଡ୍

ଜାମ୍ମୁ କାଶ୍ମୀରରେ ଗତ ସନ୍ଧ୍ୟାରେ ହୋଇଥିବା ଭୂସ୍ଖଳନ ଯୋଗୁଁ ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ର ଖୁନିନାଲା ଠାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ରାତିରେ ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ବନ୍ଦ ଥିବା ବେଳେ ରାଜପଥକୁ ସଫା କରିବା ପାଇଁ ସୀମା ସଡ଼କ ସଂଗଠନର ଉଦ୍ୟମ ଯୋଗୁଁ ବର୍ତ୍ତମାନ ଯାନବାହାନ ଚଳାଚଳ ଆରମ୍ଭ ହୋଇଛି । ସର୍ବଶେଷ ଖବର ମିଳିବା ବେଳକୁ ରାଜପଥ ର ଉଭୟ ପଟରୁ ଯାନବାହାନ ଚଳାଚଳ କରୁଥିବାର ଜଣାପଡ଼ିଛି ।

# ସୋଲାର ଏକ୍ଲିପ୍ସ

ଉତ୍ତର ଆମେରିକାରେ ଆଜି ସଂପୂର୍ଣ୍ଣ ସୂର୍ଯ୍ୟପରାଗ ଦୃଶ୍ୟମାନ ହେବ । ପ୍ରଶାନ୍ତ ମହାସାଗରରୁ ଆରମ୍ଭ ହୋଇ ଏହି ସୂର୍ଯ୍ୟ ପରାଗ ମେକ୍ସିକୋ, ଆମେରିକା ଓ କାନାଡାରେ ଦୃଶ୍ୟମାନ ହେବ । ଭାରତୀୟ ସମୟ ରାତି ୯ଟା ୧୨ ମିନିଟ୍‌ରେ ସୂର୍ଯ୍ୟ ପରାଗ ଆରମ୍ଭ ହୋଇ ଭୋର୍ ୨ଟା ୨୨ ମିନିଟ୍‌ରେ ସମାପ୍ତ ହେବ । ତେବେ ଭାରତରେ ଏହି ସୂର୍ଯ୍ୟପରାଗ ଦୃଶ୍ୟମାନ ହେବ ନାହିଁ ।

# ଚେନ୍ନାଇ ଜନମ ଟିଭି

ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଏବଂ ଏଲ୍. ମୁରୁଗାନ୍ ମିଳିତ ଭାବେ **ତାମିଲ ଜନମ ଟିଭି** ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ଠାକୁର କହିଛନ୍ତି ଉନ୍ନତମାନର ସମ୍ବାଦ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଆଞ୍ଚଳିକ ଭାଷାର ଚ୍ୟାନେଲ ଗୁଡ଼ିକର ପ୍ରସାର ଅତ୍ୟନ୍ତ ଅପରିହାର୍ଯ୍ୟ । ସେ କହିଛନ୍ତି ଏହି ଚ୍ୟାନେଲ୍ ସର୍ବଦା ପେଶାଦାରିତା ପ୍ରଦର୍ଶନ କରି ଆସିଛି ଓ ସମ୍ବାଦ ପ୍ରସାରଣ ସମୟରେ ଜାତୀୟ ଆଦର୍ଶ, ତାମିଲ ଅସ୍ମିତା ଏବଂ ଆଧ୍ୟାତ୍ମିକତା ପ୍ରତି ଗୁରୁତ୍ୱ ଦେଇଆସିଛି ।

ଶ୍ରୀ ମୁରୁଗାନ କହିଛନ୍ତି ତାମିଲନାଡୁର ଏକ ସମୃଦ୍ଧ ସାଂସ୍କୃତିକ, କଳା ଓ ପରମ୍ପରାଗତ ଐତିହ୍ୟ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କିଛିଦିନ ପୂର୍ବେ ପ୍ରାକ୍ତନ ତାଲିମ ଭାଷାର ଉଲ୍ଲେଖ କରିଥିବା ବିଷୟରେ ସେ ଜଣାଇଛନ୍ତି ।

# ଆଇପିଏଲ୍

IPL କ୍ରିକେଟ୍‌ରେ ଆଜି ଚେନ୍ନାଇ ସୁପର୍ କିଙ୍ଗ୍‌ସ’ କୋଲକାତା ନାଇଟି ରାଇଡର୍ସଙ୍କୁ ଭେଟିବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଚେନ୍ନାଇରେ ଖେଳାଯିବ । ଗତକାଲି ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ’ ଗୁଜରାତ

ଟାଇଟନ୍‌ସକୁ ୩୩ ରନ୍‌ରେ ହରାଇଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ’ ଦିଲ୍ଲୀ କ୍ୟାପିଟାଲ୍‌ସ୍‌କୁ ୨୯ ରନ୍‌ରେ ହରାଇଥିଲା ।

## ଉତ୍ତରାଖଣ୍ଡ ଗଡ୍ବୁଆଲ କନ୍‌ଷ୍ଟିଚ୍ୟୁଏନ୍ସି

ଉତ୍ତରାଖଣ୍ଡରେ ସମସ୍ତ ୫ଟିଯାକ ଲୋକସଭା ଆସନ ପାଇଁ ମତଦାନ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ମୋଟ୍ ୮୩ ଲକ୍ଷ ୩୭ ହଜାର ୯୧୪ ଜଣ ଭୋଟର ୫୫ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ଆମ ସମ୍ବାଦଦାତା ଜଣାଇଛନ୍ତି ଗଡଓ୍ୱାଲ ଲୋକସଭା ନିର୍ବାଚନ ମଣ୍ଡଳୀ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛି । ସେଠାରେ ୧୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ପ୍ରାର୍ଥୀମାନେ ମତଦାତାମାନଙ୍କର ବିଶ୍ୱାସ ଓ ସମର୍ଥନ ଲାଭ କରିବାକୁ ଅକ୍ଲାନ୍ତ ଉଦ୍ୟମ ଚଳାଇଥିବାରୁ ସେଠାରେ ତୀବ୍ର ପ୍ରତିଦ୍ୱନ୍ଦିତା ହେବାର ଆଶା କରାଯାଉଛି ।

## କର୍ଣ୍ଣାଟକ ହିଟ୍ ଓ୍ୱାର୍ଣ୍ଣିଂ

ପାଣିପାଗ ବିଭାଗ କର୍ଣ୍ଣାଟକର ଉତ୍ତର ଓ କେନ୍ଦ୍ରୀୟ ଜିଲ୍ଲା ଗୁଡ଼ିକରେ ଗ୍ରୀଷ୍ମ ପ୍ରବାହ ସତର୍କତା ଜାରି କରିଛି । କଲ୍‌ବୁର୍ଗି  ଜିଲ୍ଲାରେ ସର୍ବୋଚ୍ଚ ତାପମାତ୍ରା ୪୨ ଦଶମିକ ୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି । ବେଙ୍ଗାଲୁରୁରେ ସର୍ବୋଚ୍ଚ ତାପମାତ୍ରା ୩୭ ଦଶମିକ ୨ ଡିଗ୍ରୀ ରହିଛି ।

ଅଂଶୁଘାତର ସମ୍ଭାବନା ଥିବା ଜିଲ୍ଲାଗୁଡ଼ିକ ପାଇଁ ସ୍ୱାସ୍ଥ୍ୟ ସତର୍କତା ଜାରି କରାଯାଇଛି । ସେହି ଜିଲ୍ଲାଗୁଡ଼ିକର ଲୋକମାନଙ୍କୁ ଘର ମଧ୍ୟରେ ରହିବା ଓ ପ୍ରଚୁର ପରିମାଣର ପାନୀୟ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି । ଆଗାମୀ ୨ ଦିନ ମଧ୍ୟରେ ସେଠାରେ ସାମାନ୍ୟ ବର୍ଷା ହେବାର ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।